ଓଡ଼ିଶା ସରକାର

# ୧୯୯୮-୯୯ ବର୍ଷର ଆୟବ୍ୟୟ ଅଟକଳ
# ଓଡ଼ିଶା ବିଧାନ ସଭାରେ
# ଉପସ୍ଥାପନ ଅବସରରେ

ଉପମୁଖ୍ୟମନ୍ତ୍ରୀ ତଥା

ଅର୍ଥ ମନ୍ତ୍ରୀ

## ଶ୍ରୀଯୁକ୍ତ ବସନ୍ତ କୁମାର ବିଶ୍ୱାଳଙ୍କର

ଅଭିଭାଷଣ

ଜୁଲାଇ ୧, ୧୯୯୮

ଅଧ୍ୟକ୍ଷ ମହୋଦୟ,

ଆଜି ଏହି ମହାନ ଗୃହରେ 1998–99 ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବା ଅବସରରେ ମୁଁ ମାନ୍ୟବର ସଦସ୍ୟମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।

2) 1997–98 ବର୍ଷର ପ୍ରାରମ୍ଭରେ ନିଅଣ୍ଟ ପରିମାଣ ଭାରତୀୟ ରିଜର୍ଭ ବ୍ୟାଙ୍କ ତଥ୍ୟ ଅନୁଯାୟୀ 172.69 କୋଟି ଟଙ୍କା ଥିଲା । 1997–98 ବର୍ଷର ସଂଶୋଧିତ ଅଟକଳରେ ବର୍ଷ ଶେଷକୁ କୌଣସି ନିଅଣ୍ଟ ରହିବ ନାହିଁ ବୋଲି ଦର୍ଶା ଯାଇଥିଲା । ପ୍ରକୃତରେ 1997–98 ବର୍ଷ ଶେଷକୁ କୌଣସି ନିଅଣ୍ଟ ରହି ନାହିଁ ଏବଂ ରାଜ୍ୟ ସରକାର 1.95 କୋଟି ଟଙ୍କା ବର୍ଷ ଶେଷରେ ବଳକା ରଖିଥିବାର ରିଜର୍ଭ ବ୍ୟାଙ୍କ ଉଲ୍ଲେଖ କରିଛନ୍ତି । ମାତ୍ର ଆକାଉଣ୍ଟାଣ୍ଟ ଜେନେରାଲଙ୍କଠାରୁ ଏ ସମ୍ବନ୍ଧରେ କୌଣସି ତଥ୍ୟ ମିଳିନଥିବାରୁ 1997–98 ବର୍ଷ ଶେଷକୁ କୌଣସି ନିଅଣ୍ଟ ବା ବଳକା ଚଳିତ ଆର୍ଥିକ ବର୍ଷ ବଜେଟ୍‌ରେ ଦର୍ଶାଯାଇନାହିଁ ।

3) 1997–98 ବର୍ଷର ରାଜସ୍ୱ ଆଦାୟର ପରିମାଣ 5178.49 କୋଟି ଟଙ୍କା ହେବ ବୋଲି ଅଟକଳ କରାଯାଇଥିଲା । ରାଜସ୍ୱ ବ୍ୟୟ 6124.48 କୋଟି ଏବଂ ରାଜସ୍ୱ ନିଅଣ୍ଟ 945.91

କୋଟି ଟଙ୍କା ହେବାର ଅଟକଳ ଥିଲା । ସଂଶୋଧିତ ଅଟକଳ ରେ ରାଜସ୍ୱ ଆୟ 5046.70 କୋଟି ଟଙ୍କା ଏବଂ ରାଜସ୍ୱ ବ୍ୟୟ ହ୍ରାସ ପାଇ 5823.10 କୋଟି ଟଙ୍କା ହେବ ବୋଲି ଅଟକଳ କରାଯାଇଥିଲା । ଏହା ଫଳରେ ରାଜସ୍ୱ ନିଅଣ୍ଟ ହ୍ରାସ ପାଇ 776.40 କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି ।

4) 1997–98 ବର୍ଷ ପାଇଁ ରାଜ୍ୟ ଯୋଜନାର ଆକାରଥିଲା 2810 କୋଟି ଟଙ୍କା । ସେଥିରୁ ରାଜ୍ୟ ସରକାରଙ୍କ ଯୋଜନା ପାଇଁ ଥିଲା 2317 କୋଟି ଏବଂ ସରକାରୀ ଉଦ୍ୟୋଗମାନଙ୍କ ପାଇଁ ଥିଲା 493 କୋଟି ଟଙ୍କା । ବର୍ଷ ଶେଷ ବେଳକୁ ସଂଶୋଧିତ ହୋଇ ରାଜ୍ୟ ସରକାରଙ୍କ ନିମନ୍ତେ 2126.16 କୋଟି ଟଙ୍କା ଏବଂ ସରକାରୀ ଉଦ୍ୟୋଗ ମାନଙ୍କ ପାଇଁ ରଖାଗଲା 241.75 କୋଟି ଟଙ୍କା । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଓଡ଼ିଶା ଶକ୍ତି ଉତ୍ପାଦନ ନିଗମର ଅଂଶଧନ ବିକ୍ରି ବାବଦକୁ ମିଳିବାକୁ ଅଟକଳ କରାଯାଇଥିବା 200 କୋଟି ଟଙ୍କା ବର୍ଷ ମଧ୍ୟରେ ମିଳିଲା ନାହିଁ । ଟିକସ ଓ ଅଣ-ଟିକସ କ୍ଷେତ୍ରରେ ମଧ୍ୟ ଆଶାନୁଯାୟୀ ସମ୍ବଳ ସଂଗୃହିତ ହୋଇପାରିନଥିଲା, ତେଣୁ ରାଜସ୍ୱ ଆଦାୟର ଅଟକଳ ଓ ତାକୁ ଦୃଷ୍ଟିରେ ରଖି ରାଜସ୍ୱ ବ୍ୟୟ ଅଟକଳ ମଧ୍ୟ ସଂଶୋଧନ କରିବାକୁ ପଡିଥିଲା ।

୨) ଚଳିତ ଆର୍ଥିକ ବର୍ଷର ଆୟ୍ ବ୍ୟୟ୍ ଅଟକଳର ସାରାଂଶ ପରିଶିଷ୍ଟ "କ" ରେ ଉଲ୍ଲେଖ କରାଯାଇଛି । ସମୁଦାୟ୍ ଆୟ୍‌ର ପରିମାଣ 14286.16 କୋଟି ଟଙ୍କା ଏବଂ ସମୁଦାୟ୍ ବ୍ୟୟ୍ ପରିମାଣ 14286.16 କୋଟି ଟଙ୍କା ହେବ ବୋଲି ଅଟକଳ କରାଯାଇଛି । ତନ୍ମଧ୍ୟରୁ ରାଜସ୍ୱ ହିସାବରେ 5673.20 କୋଟି ଟଙ୍କା ଆଦାୟ୍ ଓ 7256.39 କୋଟି ଟଙ୍କା ବ୍ୟୟ୍ ହେବ ବୋଲି ଅଟକଳ କରାଯାଇଛି । ପୁଞ୍ଜି ହିସାବରେ ଆୟ୍ ବ୍ୟୟ୍‌ର ପରିମାଣ ଯଥା କ୍ରମେ 4114.63 କୋଟି ଓ 3259.27 କୋଟି ଟଙ୍କା ହେବ ବୋଲି ଅଟକଳ କରାଯାଇଛି । ବାକି ଆୟ୍ ବ୍ୟୟ୍‌ର ପରିମାଣ ସରକାରୀ ହିସାବ ଓ ଆକସ୍ମିକ ପାଣ୍ଠିର ଅନ୍ତର୍ଭୁକ୍ତ । 1998–99 ଆର୍ଥିକ ବର୍ଷରେ ଅଟକଳ ଅନୁଯାୟୀ ସଂଗଠିତ ପାଣ୍ଠି, ଆକସ୍ମିକ ପାଣ୍ଠି ଓ ସରକାରୀ ହିସାବରେ ଆୟ୍ ବ୍ୟୟ୍‌କୁ ସମାନ ରଖି ଏକ ସମତୁଲ ବଜେଟ୍ କରାଯାଇଅଛି ।

୬) 1998–99 ଆର୍ଥିକ ବର୍ଷ ପାଇଁ ଯୋଜନା କମିଶନ୍ ରାଜ୍ୟ ଯୋଜନାର ଆକାର ଆକଳନ କରିବା ନିମନ୍ତେ ଏ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କସହ ବୃତାନ୍ତ ଆଲୋଚନା କରିନାହାନ୍ତି । ତେଣୁ ରାଜ୍ୟର ସମ୍ବଳକୁ ବିଚାରକୁ ନେଇ 1998–99 ପାଇଁ ରାଜ୍ୟ ଯୋଜନାର ଆକାର 3084.43 କୋଟି ଟଙ୍କାରେ ସ୍ଥିର କରାଯାଇଅଛି । ରାଜ୍ୟ ସରକାରଙ୍କ ଯୋଜନା ପାଇଁ ଏଥିରେ

2685 କୋଟି ଟଙ୍କା ଏବଂ ସରକାରୀ ଉଦ୍ୟୋଗ ମାନଙ୍କ ପାଇଁ 399.43 କୋଟି ଟଙ୍କା ଉଦ୍ଦିଷ୍ଟ । ଲେଖାନୁଦାନ ବଜେଟ୍‌ରେ 1998–99 ପାଇଁ ରାଜ୍ୟଯୋଜନାର ଆକାର 2025 କୋଟି ଟଙ୍କାରେ ସ୍ଥିରକରାଯାଇଥିଲା । ଏହା ମଧ୍ୟରେ ଓଡ଼ିଶା ଶକ୍ତି ଉତ୍ପାଦନ ନିଗମର ଅଂଶଧନ ବିକ୍ରି କରାଯିବା ପ୍ରଚେଷ୍ଟା ଶେଷ ପର୍ଯ୍ୟାୟରେ ପହଞ୍ଚି ଯାଇଛି ଏବଂ ରାଜ୍ୟ ସରକାରଙ୍କୁ ଏ ବାବଦରେ 600 କୋଟି ଟଙ୍କା ମିଳିବାର ସୂଚନା ମିଳିଛି । ଏହି 600 କୋଟି ଟଙ୍କା ରାଜ୍ୟ ସମ୍ବଳ ହିସାବରେ ନିଆଯାଇଥିବାରୁ ରାଜ୍ୟ ଯୋଜନାକୁ ପରିବର୍ଦ୍ଧନ କରାଯାଇ 2685 କୋଟି ଟଙ୍କା ରେ ସ୍ଥିର କରାଯାଇଛି । କେନ୍ଦ୍ରୀୟ ସହାୟତା ବାବଦରେ କେତେ ଅର୍ଥ ମିଳିବ ତାହା ଏପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ହୋଇନଥିବାରୁ, ଯୋଜନା କମିଶନଙ୍କ ସହିତ ଗତ ଡିସେମ୍ବର ମାସରେ ହୋଇଥିବା ପ୍ରାରମ୍ଭିକ ଆଲୋଚନା ଅନୁଯାୟୀ ନିର୍ଦ୍ଧାରିତ କେନ୍ଦ୍ରୀୟ ସହାୟତା ବଜେଟ୍ ରେ ଅନ୍ତର୍ଭୁକ୍ତ ହୋଇଅଛି । ଯୋଜନା କମିଶନ ଚଳିତ ଆର୍ଥିକ ବର୍ଷ ମଝିରେ କେନ୍ଦ୍ରୀୟ ସହାୟତାର ପରିମାଣ ନିର୍ଦ୍ଧାରଣ କରିବା ଆଶା କରାଯାଏ । ଯଥାସମୟରେ ନିର୍ଦ୍ଧାରିତ କେନ୍ଦ୍ରୀୟ ସହାୟତା ସଂଶୋଧିତ ଅଟକଳ ରେ ଦର୍ଶାଯିବ । ରାଜ୍ୟ ଯୋଜନା ପାଇଁ ରାଜ୍ୟର ନିଜସ୍ୱ ସମ୍ବଳ 1193.12 କୋଟି ଟଙ୍କା ଏବଂ କେନ୍ଦ୍ରୀୟ ସହାୟତା 1491.88 କୋଟି ଟଙ୍କା ମିଳିବାର ଅଟକଳ କରାଯାଇଛି ।

7) ଚଳିତ ବର୍ଷ ରାଜ୍ୟ ସରକାରଙ୍କ ଉପରେ ଅଣଯୋଜନା ରାଜସ୍ବ ବ୍ୟୟଭାର ଅଧିକ । କେନ୍ଦ୍ରସରକାରୀ କର୍ମଚାରୀ ମାନଙ୍କ ବେତନ ହାର 1.1.96 ଠାରୁ ସଂଶୋଧିତ ହେବା ପରେ, ସେହି ଅନୁସାରେ ରାଜ୍ୟ ସରକାରୀ କର୍ମଚାରୀ ମାନଙ୍କ ବେତନ ହାର ମଧ୍ୟ 1.1.96 ଠାରୁ ସଂଶୋଧନ କରାଯାଇଛି । ଅବଶ୍ୟ ସଂଶୋଧିତ ହାରରେ ବେତନ ଦେବା ବେଳେ ବର୍ଦ୍ଧିତ ଦରମାରୁ ଆଂଶିକ ଭବିଷ୍ୟନିଧି ପାଣ୍ଠିରେ ରଖାଯିବାର ବ୍ୟବସ୍ଥା କରାଯାଇଥିବାରୁ, ଆର୍ଥିକ ସ୍ଥିତିରେ ବିଶେଷ ଅବନତି ହେବନାହିଁ । ଏହି ଅବସରରେ ମୁଁ ଏଥିପାଇଁ ସରକାରୀ କର୍ମଚାରୀମାନଙ୍କୁ ସାଧୁବାଦ ଜଣାଉଛି । କିନ୍ତୁ ଏଥିଲାଗି ବଜେଟ୍ ରେ ଆବଶ୍ୟକ ବ୍ୟୟ ବରାଦ କରାଯାଇଛି । ସରକାରୀ କର୍ମଚାରୀ ମାନଙ୍କୁ ଏହା ସଙ୍ଗେ ସଙ୍ଗେ ରାଜ୍ୟ ସରକାର କେନ୍ଦ୍ରୀୟ ହାରରେ ମହଙ୍ଗା ଭତ୍ତା ମଧ୍ୟ ଦେଇଆସୁଛନ୍ତି । ଏତଦ୍‌ବ୍ୟତିତ ରାଜ୍ୟ ସରକାରଙ୍କୁ ପେନ୍‌ସନ୍ ଭୋଗୀମାନଙ୍କୁ ମଧ୍ୟ ସଂଶୋଧିତ ହାରରେ ପେନ୍‌ସନ୍ ଏବଂ ସାମୟିକ ବୃଦ୍ଧି ଦେବାକୁ ହେବ । ଏହି ବଜେଟ୍‌ରେ ଚଳିତ ଆର୍ଥିକ ବର୍ଷର ଏବାବଦରେ ବ୍ୟୟ ସହିତ ବିଗତ 2 ବର୍ଷ ପାଇଁ ମଧ୍ୟ ସଂଶୋଧିତ ହାରରେ ବେତନ, ପେନ୍‌ସନ୍ ଓ ମହଙ୍ଗାଭତ୍ତା ଦେବାପାଇଁ ଓ ସୁଧଦେୟ ବ୍ୟୟ ବରାଦ କରିବାକୁ ହୋଇଛି । ରାଜ୍ୟ ସରକାର କେତେଗୁଡିଏ ସରକାରୀ ଉଦ୍ୟୋଗର

ପୁନ:ବିନ୍ୟାସ କରିବାକୁ ଚାହାନ୍ତି । କେତେଗୁଡିଏ ରୁଗ୍ଣ ଉଦ୍ୟୋଗକୁ ବନ୍ଦ କରିବାକୁ ଏବଂ କେତେଗୁଡିଏ ଉଦ୍ୟୋଗକୁ ଆର୍ଥିକ ସାହାଯ୍ୟ ଦେଇ ଲାଭପ୍ରଦ କରିବାକୁ ନିଷ୍ପତ୍ତି କରାଯାଇଛି । ଏଥିପାଇଁ ଆବଶ୍ୟକ ଅର୍ଥ ବ୍ୟବସ୍ଥା ରଖାଯାଇଛି । ଯୋଜନା କମିଶନଙ୍କ ସହିତ ପ୍ରାରମ୍ଭିକ ଆଲୋଚନା ଅନୁସାରେ ଅଣଯୋଜନା ରାଜସ୍ୱ ବ୍ୟୟ 5314.29 କୋଟି ଟଙ୍କା ରଖାଯାଇଥିଲା । ଉପରେ ଦର୍ଶା ଯାଇଥିବା ବ୍ୟୟଭାର ହିସାବକୁ ନିଆଯାଇ ଏହାକୁ ବଜେଟ୍‌ରେ 5544.29 କୋଟି ଟଙ୍କାରେ ରଖାଯାଇଛି । ଏଥିପାଇଁ ରାଜସ୍ୱନିଅଣ୍ଟ 1583.19 କୋଟି ଟଙ୍କାରେ ଅଟକଳ କରାଯାଇଛି । ଯଦିଓ ରାଜସ୍ୱ ନିଅଣ୍ଟ ସମସ୍ତଙ୍କ ଲାଗି ଏକ ଚିନ୍ତାର ବିଷୟ, ଅପରିହାର୍ଯ୍ୟ ଖର୍ଚ୍ଚ ବରାଦ ଲାଗି ଏହାକୁ କମାଇବା ସମ୍ଭବପର ହୋଇ ନାହିଁ । ଏହା ମାନ୍ୟବର ସଦସ୍ୟମାନେ ଅବଶ୍ୟ ହୃଦୟଙ୍ଗମ କରିବେ । କିନ୍ତୁ ରାଜ୍ୟ ସରକାର ରାଜସ୍ୱ ନିଅଣ୍ଟ କମାଇବା ପାଇଁ ନିଶ୍ଚିତ ଭାବରେ ପଦକ୍ଷେପ ନେବେ ଏବଂ ବର୍ଷ ଶେଷକୁ ଏହା ହ୍ରାସ ପାଇବବୋଲି ଆଶା କରାଯାଏ ।

କେନ୍ଦ୍ର ଯୋଜନା ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ପାଇଁ 1998–99 ବର୍ଷର ବ୍ୟୟ ବରାଦ ଯଥାକ୍ରମେ 347.82 କୋଟି ଟଙ୍କା ଓ 143.46 କୋଟି ଟଙ୍କା ରଖାଯାଇଛି । ଏହି ବ୍ୟୟ

ବରାଦ ପାଇଁ ଅନୁରୂପ ପରିମାଣର କେନ୍ଦ୍ରୀୟ ସାହାଯ୍ୟ ଅନୁଦାନ ଓ ଋଣ ଆକାରରେ ମିଳିବ ।

୫. ରାଜ୍ୟ ଯୋଜନା ପାଇଁ ନିମ୍ନଲିଖିତ ମତେ ପାଣ୍ଠି ସଂଗ୍ରହ କରାଯିବାର ଅଟକଳ କରା ଯାଇଛି ।

| | | |
|---|---|---|
| | | (କୋଟି ଟଙ୍କାରେ) |
| 1) ସ୍ୱଳ୍ପ ସଞ୍ଚୟ ବାବଦ ଋଣ | | 275.00 |
| 2) ଭବିଷ୍ୟନିଧି ପାଣ୍ଠିରୁ ସମ୍ବଳ | | 650.00 |
| 3) ଖୋଲା ବଜାରରୁ ଋଣ (ନିଟ୍) | | 416.33 |
| 4) ଅଣ ଯୋଜନା ପୁଞ୍ଜି | | 403.68 |
| 5) ବିଭିନ୍ନ ଅନୁଷ୍ଠାନ ମାନଙ୍କରୁ ଋଣ | | 177.79 |
| 6) ଦଶମ ଅର୍ଥ କମିଶନଙ୍କ ସୁପାରିଶ ଅନୁଯାୟୀ ଅନୁଦାନ | | 96.36 |
| | | 2019.16 |
| ଅଣ ଯୋଜନା ରାଜସ୍ୱ ନିଅଣ୍ଟ | (–) | 826.04 |
| | | 1193.12 |
| କେନ୍ଦ୍ରୀୟ ସାହାଯ୍ୟ | (+) | 1491.88 |
| ମୋଟ : | | 2685.00 |

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏ ବର୍ଷ ରାଜ୍ୟକୁ କେତେ ପରିମାଣର କେନ୍ଦ୍ରୀୟ ସହାୟତା ମିଳିବ ଯୋଜନା କମିଶନ ତାହା ଦର୍ଶାଇ ନାହାନ୍ତି, ତେଣୁ ଅଫିସର ସ୍ତରୀୟ ଆଲୋଚନା ବେଳେ ଯେତେ କେନ୍ଦ୍ରୀୟ ସାହାଯ୍ୟ ମିଳିବ ବୋଲି ଜଣାଯାଇଥିଲା ସେହି ଅନୁଯାୟୀ ଅଟକଳ କରାଯାଇଛି ।

୨. କୃଷି କ୍ଷେତ୍ରରେ ରାଜ୍ୟକୁ ଅଗ୍ରଣୀ କରିବା ଉଦ୍ଦେଶ୍ୟରେ 1996 ଏପ୍ରିଲ ମାସରୁ ରାଜ୍ୟ ସରକାର ନୂତନ କୃଷି ନୀତି ପ୍ରଣୟନ କରିଛନ୍ତି । ରାଜ୍ୟରେ ଖାଦ୍ୟ ଶସ୍ୟ ଓ ତୈଳ ବୀଜର ଉତ୍ପାଦନ ଦ୍ୱିଗୁଣିତ କରିବା, ଅର୍ଥକାରୀ ଫସଲ ଯଥା : , କପା, ଆଳୁ, ଚିନାବାଦାମ, ସୋୟାବିନ ଇତ୍ୟାଦି ଚାଷର ପ୍ରସାର ଓ ଉତ୍ପାଦନ ବୃଦ୍ଧି କରିବା, ଖାଦ୍ୟଶସ୍ୟ ଓ ଫଳଚାଷର ପ୍ରସାର ମାଧ୍ୟମରେ ଶିକ୍ଷିତ ଯୁବକ ଓ କୃଷି ଶ୍ରମିକମାନଙ୍କ ପାଇଁ କର୍ମ ଯୋଗାଣ ସୃଷ୍ଟି କରିବା, କୃଷି ଭିତ୍ତିକ ବ୍ୟବସାୟ ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠାନ ଦ୍ୱାରା କୃଷି ଉଦ୍ୟୋଗ ସୃଷ୍ଟି କରିବା, ବିଭିନ୍ନ ଫଳ, ଫୁଲ ଓ ପନିପରିବାର ବ୍ୟବସାୟ ଭିତ୍ତିକ ଚାଷ ଦ୍ୱାରା ଚାଷୀକୂଳର ଉନ୍ନତି ସାଧନ କରିବା ଇତ୍ୟାଦି ନୂତନ କୃଷି ନୀତିର ପ୍ରଧାନ ଆଭିମୁଖ୍ୟ ।

ଅଧିକ ଅମଳକ୍ଷମ ଫସଲ ଚାଷକରି ଏବଂ ଆବଶ୍ୟକ ପରିମାଣର ସାର ଓ କୀଟନାଶକ ଔଷଧ ପ୍ରୟୋଗକରି ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ ପାଇଁ ସବୁପ୍ରକାର ଉଦ୍ୟମ କରାଯାଉଛି । ରାଜ୍ୟରେ ତୈଳ ବୀଜ ଚାଷର ଅଭିବୃଦ୍ଧି ପାଇଁ କେନ୍ଦ୍ରୀୟ ସହାୟତାରେ ତୈଳ ବୀଜ ଯୋଜନା କାର୍ଯ୍ୟକାରୀ ହେଉଛି । 1998–99 ଆର୍ଥିକ ବର୍ଷରେ ଆଖୁ ଉତ୍ପାଦନ 64 ଲକ୍ଷ ଟନ୍ କରାଯିବାର ଲକ୍ଷ୍ୟ ରଖାଯାଇଛି । ହେକ୍ଟର ପ୍ରତି ସାର ବ୍ୟବହାର 1996–97 ରେ 31 କିଲୋଗ୍ରାମ ଥିବା ସ୍ଥଳେ 1998–99 ରେ ଏହାକୁ 50 କିଲୋଗ୍ରାମକୁ ବୃଦ୍ଧି କରିବାର କାର୍ଯ୍ୟକ୍ରମ ରହିଛି । 1998–99 ଆର୍ଥିକ ବର୍ଷରେ ନୂତନ 75 ହଜାର ହେକ୍ଟର ଜମିରେ ଫଳଚାଷ କରାଯାଇ ସମୁଦାୟ ଫଳଚାଷ ଅଂଚଳକୁ 3 ଲକ୍ଷ 70 ହଜାର ହେକ୍ଟରକୁ ବୃଦ୍ଧି, କାଜୁବାଦାମ ଚାଷର ପରିସର 18 ହଜାର ହେକ୍ଟରକୁ ବୃଦ୍ଧି, ତାଳତେଲ ଚାଷକୁ 1327 ହେକ୍ଟରରୁ 2327 ହେକ୍ଟରକୁ ବୃଦ୍ଧି ଏବଂ ପ୍ରତି ବ୍ଲକରେ ଗୋଟିଏ କରି ଫଳଚାରା ଉତ୍ପାଦନ ଓ ବିକ୍ରୟ କେନ୍ଦ୍ର ଏବଂ ପ୍ରତି ପଞ୍ଚାୟତରେ ପନିପରିବା ପାଇଁ ନର୍ସରୀ ସ୍ଥାପନର ଲକ୍ଷ୍ୟ ରଖାଯାଇଛି ।

ରାଜ୍ୟରେ ମୃତ୍ତିକା ସଂରକ୍ଷଣ, ବିଶ୍ୱବ୍ୟାଙ୍କ ଓ ଡେନମାର୍କ ସହାୟତାରେ ଜଳ ବିଭାଜିକା ଯୋଜନା ଇତ୍ୟାଦି କେତେକ ଗୁରୁତ୍ୱ ପୂର୍ଣ୍ଣ ଯୋଜନା ମଧ୍ୟ କାର୍ଯ୍ୟକାରୀ ହେଉଅଛି । ଓଡିଶା କୃଷି ଓ

ବୈଷୟିକ ବିଶ୍ୱବିଦ୍ୟାଳୟ ମାଧ୍ୟମରେ ଶିକ୍ଷାଦାନ, ଗବେଷଣା ଓ ସଂପ୍ରସାରଣ ଶିକ୍ଷା ପ୍ରଦାନ କରାଯିବା ବ୍ୟତିତ ଏକ କୃଷି ଜଳବାୟୁ ସୂଚନା କେନ୍ଦ୍ର ଏବଂ କୃଷି ପରାମର୍ଶ ସେବା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । କୃଷି ବିଭାଗ ନିମନ୍ତେ 1998-99 ରାଜ୍ୟ ଯୋଜନାରେ 76 କୋଟି 41 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । କେନ୍ଦ୍ରୀୟ ଯୋଜନା ଏବଂ କେନ୍ଦ୍ରୀୟ ପ୍ରବର୍ତ୍ତିତ କାର୍ଯ୍ୟକ୍ରମ ଗୁଡିକ ନିମନ୍ତେ 78 କୋଟି 5 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ।

10. 1998-99 ଆର୍ଥିକ ବର୍ଷ ପାଇଁ ରାଜ୍ୟ ଯୋଜନାରେ ଶିଳ୍ପ ବିଭାଗ ନିମନ୍ତେ 50 କୋଟି 72 ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି ।

ଭିତ୍ତିଭୂମି ଉନ୍ନୟନ ଶିଳ୍ପବିକାଶର ମୌଳିକ ଆବଶ୍ୟକତା ହୋଇଥିବାରୁ, ରାଜ୍ୟସରକାର ଏହି କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଦେଇଛନ୍ତି । ନୀତି ଦୃଷ୍ଟିରୁ, ରାଜ୍ୟସରକାର ପ୍ରଥମ ଥର ପାଇଁ ଘରୋଇ ସଂସ୍ଥାକୁ ବନ୍ଦର-ଉନ୍ନତି, ଶିଳ୍ପ-ଉଦ୍ୟାନ ସ୍ଥାପନ, ଶକ୍ତି ଉତ୍ପାଦନ, ରେଳରାସ୍ତା ଓ ଉନ୍ନତ ଜାତୀୟ ରାଜପଥ ନିର୍ମାଣରେ ଅଂଶ ଗ୍ରହଣ ନିମନ୍ତେ ପ୍ରୋତ୍ସାହିତ କରିବାକୁ ସ୍ଥିର କରିଛନ୍ତି ।

ଆର୍ନ୍ତ:ଜାତୀୟ ମାନର ଏକ ଶିଳ୍ପ ଉଦ୍ୟାନ ଥାଇଲାଣ୍ଡର ବ୍ୟାଙ୍ଗ୍ ପାକଙ୍ଗ୍ ଇଣ୍ଡଷ୍ଟ୍ରିଆଲ ପାର୍କ (Bang Pakong Industrial Park) ସହାୟତାରେ ପାରାଦ୍ୱୀପ ନିକଟରେ ପ୍ରତିଷ୍ଠା କରିବାର ପ୍ରସ୍ତାବ ଅଛି । ଏହି ଉଦ୍ଦେଶ୍ୟରେ 7000 ହେକ୍ଟର୍ ଜମି ଚିହ୍ନଟ କରାଯାଇଛି । ରାଜ୍ୟ ସରକାର ମିଳିତ ଉଦ୍ୟୋଗରେ ଏହାକୁ କାର୍ଯ୍ୟକାରୀ କରିବାପାଇଁ ସ୍ଥିର କରିଛନ୍ତି । ଏଥି ନିମନ୍ତେ ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମକୁ ଥାଇଲାଣ୍ଡର B.P.I.P ସହିତ ଏକ ମିଳିତ ଉଦ୍ୟୋଗ ଗଠନ ପାଇଁ ଚୁକ୍ତିବଦ୍ଧ ହେବାକୁ କ୍ଷମତା ପ୍ରଦାନ କରାଯାଇଛି । ଶିଳ୍ପ ବିଭାଗର 1998–99 ବର୍ଷ ବଜେଟରେ ଏକ କୋଟି ଟଙ୍କାର ବ୍ୟବସ୍ଥା ଏହି ପ୍ରକଳ୍ପ ପାଇଁ କରାଯାଇଛି । କୁଟୀର ଓ ହସ୍ତଶିଳ୍ପ କ୍ଷେତ୍ରରେ ସ୍ଥାନୀୟ କାରୀଗର ଏବଂ କୁଶଳୀ ଶିଳ୍ପୀ ମାନଙ୍କୁ ତାଲିମ ଦେବାପାଇଁ ବ୍ୟବସ୍ଥା କରାଯାଇଛି ।

11. ଚଳିତ ଶତାବ୍ଦୀର ଶେଷସୁଦ୍ଧା ସମଗ୍ର ରାଜ୍ୟବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନିମିତ୍ତ ରାଜ୍ୟ ସରକାର ସ୍ଥିର କରିଛନ୍ତି । ଏହି ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମରେ ଜନ୍ମ ହାର ରୋକିବା, ଏଡସ୍, ଯକ୍ଷ୍ମା ଓ ପୋଲିଓ ନିରାକରଣ, ଆୟୋଡିନ୍ ଅଭାବର ଦୂରୀକରଣ, ମେଲେରିଆ, ବାତଜ୍ୱର, ଅନ୍ଧତ୍ୱ, ମୋତିଆବିନ୍ଦୁ, କୁଷ୍ଠ, ଆମାଶୟ ଇତ୍ୟାଦି ସଂକ୍ରାମକ ରୋଗ ଗୁଡିକର ପ୍ରତିରୋଧ ପାଇଁ ସହର ଓ ଗ୍ରାମାଞ୍ଚଳ ତଥା ଦୁର୍ଗମ

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଲୋକମାନଙ୍କ ପାଖରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ନିମନ୍ତେ ୪୫୩୨ ଟି ସ୍ୱାସ୍ଥ୍ୟ ଅନୁଷ୍ଠାନ କାର୍ଯ୍ୟ କରୁଅଛି ।

ରାଜ୍ୟରେ 57 ଗୋଟି ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା କରିବାପାଇଁ ଏକ ପ୍ରସ୍ତାବ ଅଛି । ସେଥିରୁ ୪ ଗୋଟି ସ୍ୱାସ୍ଥ୍ୟ କେନ୍ଦ୍ର କେ.ବି.କେ ଜିଲ୍ଲା ଗୁଡିକରେ ହେବା ଲାଗି ମଞ୍ଜୁରୀ ପ୍ରଦାନ କରାଯାଇଛି । 49 ଗୋଟି ସ୍ୱାସ୍ଥ୍ୟ କେନ୍ଦ୍ର ଅନ୍ୟାନ୍ୟ ଜିଲ୍ଲାମାନଙ୍କରେ ପ୍ରତିଷ୍ଠା କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି ।

ବିଶ୍ୱବ୍ୟାଙ୍କ ସହାୟତାରେ 415 କୋଟି ଟଙ୍କା ବ୍ୟୟରେ ମାଧ୍ୟମିକ ସ୍ୱାସ୍ଥ୍ୟ ସେବାର ଦୃଢୀକରଣ ନିମନ୍ତେ ପଦକ୍ଷେପ ନିଆଯାଇଛି । ଏହି ସଂକ୍ରାନ୍ତରେ 199୪ ଏପ୍ରିଲ ମାସରେ ବିଶ୍ୱବ୍ୟାଙ୍କ ପ୍ରତିନିଧି ମାନଙ୍କ ସହିତ ୱାଶିଂଟନ୍ ଠାରେ ଆଲୋଚନା ହୋଇଯାଇଛି ।

ମାନ୍ୟବର ସଭ୍ୟମାନଙ୍କୁ ମୁଁ ସ୍ମରଣ କରାଇ ଦେବାକୁ ଚାହେଁ ଯେ, 1.୨.୨7 ତାରିଖ ଠାରୁ ବ୍ୟବହାରିକ ଦେୟ (User Charges) 3 ଗୋଟି ମେଡିକାଲ କଲେଜ, ଶିଶୁଭବନ, କଟକ,

କାପିଟାଲ୍ ହସ୍ପିଟାଲ୍ ଭୁବନେଶ୍ୱର, ସରକାରୀ ହସ୍ପିଟାଲ୍ ରାଉରକେଲା ଓ ସମସ୍ତ ଜିଲ୍ଲାର ସଦର ମହକୁମାରେ ଥିବା ହସ୍ପିଟାଲ ମାନଙ୍କରେ ଆଦାୟ୍ କରାଯାଉଛି । ଏହି ବାବଦରେ ଏପ୍ରିଲ୍ 1998 ସୁଦ୍ଧା ପ୍ରାୟ୍ 67 ଲକ୍ଷ ଟଙ୍କା ଆଦାୟ୍ ହୋଇଛି । ଏହି ଅର୍ଥ ହସ୍ପିଟାଲ ମାନଙ୍କରେ ଉନ୍ନତ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ପାଇଁ ବିନିଯୋଗ କରାଯାଉଅଛି ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିମନ୍ତେ 1998–99 ଆର୍ଥିକ ବର୍ଷରେ ରାଜ୍ୟ ଯୋଜନା ଅଟକଳରେ 74 କୋଟି 38 ଲକ୍ଷ ଟଙ୍କା ବ୍ୟୟ୍ ବରାଦ କରାଯାଉଛି ।

12. ମାନବ ସମ୍ବଳ ବିକାଶ ନିମନ୍ତେ ଉଚ୍ଚ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ ଏଥିପାଇଁ ରାଜ୍ୟ ଯୋଜନାରେ 64 କୋଟି 76 ଲକ୍ଷ ଟଙ୍କା ବ୍ୟୟ୍ ଅଟକଳ କରାଯାଇଛି ।

ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ୍‌ର କାର୍ଯ୍ୟ ବିକେନ୍ଦ୍ରୀକରଣ ନିମିତ୍ତ ତିନୋଟି ଆଞ୍ଚଳିକ ନିର୍ଦ୍ଦେଶାଳୟ୍ ସମ୍ବଲପୁର, ବ୍ରହ୍ମପୁର ଓ ଭୁବନେଶ୍ୱର ଠାରେ ଅବସ୍ଥାପିତ କରାଯାଇଅଛି । ଏ ଗୁଡିକର ପରିଚାଳନା ନିମିତ୍ତ 1998–99 ରାଜ୍ୟ ଯୋଜନାରେ 64 ଲକ୍ଷ 31 ହଜାର ଟଙ୍କା ବ୍ୟୟ୍ ବରାଦ ରଖାଯାଇଅଛି ।

ତିନୋଟି ବିଶ୍ୱବିଦ୍ୟାଳୟ ଯଥା ଉତ୍କଳ, ବ୍ରହ୍ମପୁର ଓ ସମ୍ବଲପୁର ପାଇଁ ୫୨ ଲକ୍ଷ ୯୩ ହଜାର ଟଙ୍କା, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପାଇଁ ୨2 ଲକ୍ଷ ଟଙ୍କା, ଏବଂ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପାଇଁ 66 ଲକ୍ଷ 50 ହଜାର ଟଙ୍କାର ଅନୁଦାନ ପ୍ରସ୍ତାବ ବଜେଟରେ ରଖାଯାଇଅଛି ।

ବେସରକାରୀ ମହାବିଦ୍ୟାଳୟ ଓ ବୃତ୍ତିଗତ ଅନୁଷ୍ଠାନମାନଙ୍କର ସଂଖ୍ୟା ମାତ୍ରାଧିକ ବୃଦ୍ଧିଫଳରେ ପ୍ରଚଳିତ ବିଶ୍ୱବିଦ୍ୟାଳୟ ଗୁଡିକର କାର୍ଯ୍ୟଭାର ଠିକ୍‌ଭାବରେ ନିର୍ବାହ ହୋଇପାରୁନଥିବାରୁ ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ଆବଶ୍ୟକତା ଅନୁଭୂତ ହୋଇଅଛି ଓ ଏହି ବାବଦକୁ 1998-99 ଆର୍ଥିକ ବର୍ଷ ରେ ରାଜ୍ୟ ଯୋଜନାରେ ଏକ କୋଟି ଟଙ୍କା ରହିଛି । ଧନ୍ଦାମୂଳକ ଶିକ୍ଷାପାଇଁ ଚଳିତ ଆର୍ଥିକ ବର୍ଷରେ ରାଜ୍ୟଯୋଜନାରେ 2 କୋଟି 17 ଲକ୍ଷ 23 ହଜାର ଟଙ୍କାର ବ୍ୟୟ ବରାଦ କରାଯାଇଅଛି ।

କମ୍ପ୍ୟୁଟର ଶିକ୍ଷାର ଗୁରୁତ୍ୱ ହେତୁ ରାଜ୍ୟର ତିନୋଟି ସ୍ୱୟଂଚାଳିତ ମହାବିଦ୍ୟାଳୟ ଓ ତିନୋଟି ସରକାରୀ ମହାବିଦ୍ୟାଳୟରେ ଉପାଧି ଓ ସମ୍ମାନ ସ୍ତରରେ କମ୍ପ୍ୟୁଟର ଶିକ୍ଷାର ପ୍ରଚଳନ ପାଇଁ ଏକ କୋଟି ଟଙ୍କା ରଖାଯାଇଅଛି ।

13. ସରକାର ପ୍ରାଥମିକ ଓ ମାଧମିକ ଶିକ୍ଷାର ଉନ୍ନତି ପାଇଁ ସର୍ବବିଧ ଉଦ୍ୟମ ଜାରି ରଖିଛନ୍ତି । ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧିପାଇଁ ଜିଲ୍ଲା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉ ଅଛି । ଏଥି ନିମିତ୍ତ 1998–99 ବଜେଟ ଅଟକଳରେ ରାଜ୍ୟସରକାରଙ୍କ 15% ଅଂଶ ବାବାଦକୁ 2 କୋଟି 40 ଲକ୍ଷ ଟଙ୍କା ରଖାଯାଇଅଛି । କେନ୍ଦ୍ର ଯୋଜନାର କଳାପଟା ଅଭିଯାନ କାର୍ଯ୍ୟକ୍ରମରେ ଥିବା ଶିକ୍ଷକମାନଙ୍କୁ 1998–99 ଆର୍ଥିକ ବର୍ଷରେ ରାଜ୍ୟଯୋଜନା ପରିସରଭୁକ୍ତ କରାଯାଇଅଛି ।

ଦଶମ ଅର୍ଥ ଆୟୋଗଙ୍କ ସୁପାରିଶକ୍ରମେ ଉଚ୍ଚପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ଛାତ୍ରୀମାନଙ୍କ ପାଇଁ ଶୌଚାଳୟର ବ୍ୟବସ୍ଥା ଏବଂ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ପାନୀୟ ଜଳଯୋଗାଣ ନିମିତ୍ତ 1998–99 ଆର୍ଥିକ ବର୍ଷରେ 18 କୋଟି 41 ଲକ୍ଷ ଟଙ୍କାର ବ୍ୟୟପ୍ରସ୍ତାବ ରଖାଯାଇଅଛି ।

ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ନିମନ୍ତେ ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ଯୋଜନାରେ 277 କୋଟି 56 ଲକ୍ଷ ଟଙ୍କା ବ୍ୟୟ ବରାଦ ରଖାଯାଇଛି ।

14. ରାଜ୍ୟରେ ଯୋଗାଯୋଗ ସୁବିଧାର ଉନ୍ନତି ନିମନ୍ତେ ଓଡିଶା ରାଜ୍ୟ ସଡକ ପରିବହନ ନିଗମ ପୁନର୍ବିନ୍ୟାସ ପାଇଁ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ 1997–98 ଆର୍ଥିକ ବର୍ଷରେ 100 ଟି ନୂତନ ବସ୍ କିଣିଛନ୍ତି ଓ ଅଚଳ ହୋଇପଡିଥିବା 100 ଟି ବସ୍‌କୁ ମରାମତି କରି ଚଳନକ୍ଷମ କରିବା ପାଇଁ ପଦକ୍ଷେପ ନେଇଛନ୍ତି । ନିଗମର ଚଳନକ୍ଷମ ବସ୍ ସଂଖ୍ୟା 600 ରେ ସୀମିତ ରଖିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ବର୍ତ୍ତମାନ ନିଗମର ଚଳନ୍ତି ବସ୍ ସଂଖ୍ୟା 417 ଥିବାରୁ ଆବଶ୍ୟକ ପଡୁଥିବା ଅବଶିଷ୍ଟ 183 ଟି ନୂତନ ବସ୍ 1998–99 ଆର୍ଥିକ ବର୍ଷରେ ଆହରଣ କରିବା ପାଇଁ ପ୍ରସ୍ତାବ ରହିଛି । ଯାତ୍ରୀମାନଙ୍କ ଗମନାଗମନ ସୁବିଧାକୁ ଦୃଷ୍ଟିରେ ରଖି ରାଜ୍ୟର ଜାତୀୟକରଣ ମାର୍ଗ ଗୁଡିକରେ ମିଶ୍ରିତ ପରିବହନ ବ୍ୟବସ୍ଥା ପ୍ରଚଳନ ପ୍ରସ୍ତାବ ସରକାରଙ୍କର ବିଚାରାଧୀନ ଅଛି ।

ବେସରକାରୀ ଅର୍ଥ ବିନିଯୋଗକାରୀଙ୍କ ସାହାଯ୍ୟ କ୍ରମେ 1120 କୋଟି ଟଙ୍କା ବ୍ୟୟରେ ଧାମରା ଠାରେ ଏକ ସବୁଦିନିଆ ବନ୍ଦର ସ୍ଥାପନ କରିବା ପାଇଁ ପଦକ୍ଷେପ ନିଆଯାଇଛି । ଏହି ଉଦ୍ଦେଶ୍ୟରେ ରାଜ୍ୟ ସରକାର ଓ International Seaport Ltd. ଙ୍କ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି ।

15. ଏହି ବଜେଟରେ ଜଳସେଚନ ବ୍ୟବସ୍ଥା ବୃଦ୍ଧି କରାଯିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । 1998–99 ଆର୍ଥିକ ବର୍ଷରେ 78,865 ହେକ୍ଟର ଜମି ପାଇଁ ଜଳସେଚନ ବ୍ୟବସ୍ଥା ନୂତନ ଭାବରେ ସୃଷ୍ଟିକରିବାର ଲକ୍ଷ୍ୟ ରଖାଯାଇଛି । ବୃହତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ମାଧ୍ୟମରେ 54,780 ହେକ୍ଟର, କ୍ଷୁଦ୍ର ଜଳସେଚନ ମାଧ୍ୟମରେ 6025 ହେକ୍ଟର ଓ ଉଠା ଜଳସେଚନ ମାଧ୍ୟମରେ 18,000 ହେକ୍ଟର ଜମି ପାଇଁ ସେଚ ସୁବିଧା ସୃଷ୍ଟି କରାଯିବ ।

ବିଶ୍ୱ ବ୍ୟାଙ୍କ ସହାୟତାରେ କାର୍ଯ୍ୟକାରୀ ହେଉଥିବା ଜଳ ସମ୍ପଦ ଏକୀକରଣ ପ୍ରକଳ୍ପ ଅଧୀନରେ ରେଙ୍ଗାଳି (ଆଂଶିକ), ନରାଜ ବ୍ୟାରେଜ, ମହାନଦୀ ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳ ଜଳସେଚନ ପ୍ରକଳ୍ପ, ବଡନଳା, ହରିହର ଯୋର, ହରଭଙ୍ଗୀ, ଅପରଜଙ୍କ ଓ ବାଘୁଆ ପ୍ରକଳ୍ପ ଗୁଡିକ 2002 ମସିହା ସୁଦ୍ଧା ସଂପୂର୍ଣ୍ଣ କରାଯିବ । ଏହି ପ୍ରକଳ୍ପ ଗୁଡିକ ସଂପୂର୍ଣ୍ଣ ହେଲେ 66830 ହେକ୍ଟର ଅତିରିକ୍ତ ଜମିକୁ ଜଳ ସେଚନ ସୁବିଧା ଯୋଗାଇ ଦିଆଯାଇ ପାରିବ । ଚଳିତ ଆର୍ଥିକ ବର୍ଷରେ ଏଥିପାଇଁ 120 କୋଟି 90 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇ 19,500 ହେକ୍ଟର ଅତିରିକ୍ତ ସେଚ ସୁବିଧା ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

ଜାପାନ ସରକାରଙ୍କ ସହାୟତାରେ କାର୍ଯ୍ୟକାରୀ ହେଉଥିବା OECF ଯୋଜନାରେ ଉପର ଇନ୍ଦ୍ରାବତୀ, ଉପର କୋଲାବ ଓ ରେଙ୍ଗାଲି ସେଚ ପ୍ରକଳ୍ପ ନିମନ୍ତେ 1998–99 ଆର୍ଥିକ ବର୍ଷରେ 102 କୋଟି ଟଙ୍କା ରଖାଯାଇଛି ।

ନାବାର୍ଡ ସହାୟତାରେ ରାଜ୍ୟରେ 3 ଗୋଟି ବୃହତ୍, 19 ଗୋଟି ମଧ୍ୟମ, 3 ଗୋଟି ଢ୍ରାନ୍, 61 ଗୋଟି କ୍ଷୁଦ୍ର ଓ 2491 ଟି ଉଠାଜଳ ସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ଏହି ପ୍ରକଳ୍ପ ଗୁଡିକରୁ 2000 ମସିହା ସୁଦ୍ଧା ମୋଟ 119045 ହେକ୍ଟର ଜମି ପାଇଁ ଜଳସେଚନ ସୁବିଧା ସୃଷ୍ଟି ହୋଇ ପାରିବ । ଚଳିତ ବର୍ଷରେ ପୋଟେରୁ ଓ ଜମ୍ବୀରା ବୃହତ୍ ଜଳସେଚନ ପ୍ରକଳ୍ପ, 12 ଗୋଟି ମଧ୍ୟମ ଓ 37 ଗୋଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ଅତିରିକ୍ତ 45546 ହେକ୍ଟର୍ ଜମିପାଇଁ ସେଚ ସୁବିଧା ସୃଷ୍ଟି କରାଯିବ ।

କେନ୍ଦ୍ର ସରକାରଙ୍କ ଋଣ ସହାୟତାରେ AIBP ଯୋଜନା ମାଧ୍ୟମରେ ସୁବର୍ଣ୍ଣରେଖା, ଉପର ଇନ୍ଦ୍ରାବତୀ, ଉପର କୋଲାବ, ରେଙ୍ଗାଲି ଓ ଆନନ୍ଦପୁର ବ୍ୟାରେଜ୍ ପ୍ରକଳ୍ପ ଗୁଡିକ ପାଇଁ ଚଳିତ ବର୍ଷ 180 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଏହି